# Akashvani, Sambalpur

# SAMBALPURI NEWS BULLETIN

## 10 October 2023- 6.47- 6.52 am.

**************************************************

ପ୍ରଧାନ୍‌ମନ୍ତ୍ରୀ- ଏସୀୟ କ୍ରୀଡ଼ା ଖେଲାଲୀ  ଆର୍‌ଏନ୍‌ୟୁ ସମ୍ବଲପୁର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଉପର୍‌ବେଲା ୪ ବଜେ ନୂଆଦିଲ୍ଲୀର୍ ମେଜର୍ ଧ୍ୟାନ୍‌ଚାନ୍ଦ୍ ଷ୍ଟାଡ଼ିୟମ୍ ନ ଚୀନ୍‌ର ହାଙ୍ଗ୍‌ଝୌ ଏସୀୟ କ୍ରୀଡ଼ାଥି ଭାଗ୍ ନେଇଥିବା କ୍ରୀଡ଼ାବିତ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ସେମାନ୍‌କୁ ସମ୍ବୋଧନ୍ କର୍‌ବେ । ଏସୀୟ କ୍ରୀଡ଼ାଥି ଭାରତ୍‌ର କ୍ରୀଡ଼ାବିତ୍ ମାନେ ଉଲ୍ଲେଖନୀୟ ପ୍ରଦର୍ଶନ୍ କରିକରି ୨୮ ଟା ସ୍ୱର୍ଣ୍ଣପଦକ୍ ସହେତେ ମୋଟ୍ ଶହେ ୭ ଟା ପଦକ୍ ଜିତିକରି ପଦକ୍ ତାଲିକାଥି ୪ ନମ୍ବର୍ ଠାନେ ରହିଛନ୍ । କ୍ରୀଡ଼ାବିତ୍‌ମାନ୍‌କୁ ଅଭିନନ୍ଦନ୍ ଜନାବାର୍ ସହେତେ ଆଏବା ଦିନେ ହେବାର୍‌କେ ଥିବା ପ୍ରତିଯୋଗିତା ଲାଗି ସେମାନ୍‌କର୍ ତହିଁକ୍ ବଢ଼ାବାର୍‌କେ ଆଜିର୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

ତାଞ୍ଜାନିଆ ରାଷ୍ଟ୍ରପତି-ଧର୍ମେନ୍ଦ୍ର ପ୍ରଧାନ୍   ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାରତ୍ ଗସ୍ତ ନ ଆସିଥିବା ତାଞ୍ଜାନିଆର୍ ରାଷ୍ଟ୍ରପତି ସାମିଆ ସୁଲୁହୁ ହସନ୍‌ଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ନ ଭେଟିଛନ୍ । ଦୁହି ଦେଶ୍ ଭିତ୍‌ରେ ରଣନୈତିକ୍ ଭାଗିଦାରୀକେ ବର୍‌କସ୍ କରିଥିବାର୍‌ନୁ ଶ୍ରୀ ପ୍ରଧାନ୍ ତାଞ୍ଜାନିଆ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜନେଇଛନ୍ । ଶ୍ରୀ ପ୍ରଧାନ୍ ସୋସିଆଲ୍ ମିଡ଼ିଆ ଏକ୍ସ୍‌ଥି କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ ତାଞ୍ଜାନିଆର୍ ରାଷ୍ଟ୍ରପତିଙ୍କର୍ ନେତୃତ୍ୱଥି ଦୁହି ଦେଶ୍ ଭିତ୍‌ରେ ବହୁତ୍ ବର୍ଷ ଧରି ରହିଥିବା ବନ୍ଧୁତା ଆହୁରି ବର୍‌କସ୍ ହେଇପାରିଛେ ।
ଇତାର୍‌ସହେତେ ତାଞ୍ଜାନିଆର୍ ଜାଞ୍ଜିବର ଠାନେ ଆଇଆଇଟି ମାଡ୍ରାସ୍ କେମ୍ପସ୍ ଥାପ୍‌ନା କର୍‌ବାର୍ ଲାଗି ଅନୁମତି ଦେଇଥିବାର୍‌ନୁ ଶ୍ରୀ ପ୍ରଧାନ୍ ତାଞ୍ଜାନିଆର୍ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜନେଇଥିଲେ ।

ପୁରୀ ଶ୍ରୀମନ୍ଦିର୍- ଡ୍ରେସ୍‌କୋଡ଼୍   ଆର୍‌ଏନ୍‌ୟୁ ସମ୍ବଲପୁର୍

ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍‌କେ ଦର୍ଶନ୍ କର୍‌ବାର୍‌କେ ଯାଉଥିବା ଭକ୍ତ ଆଉ ଶ୍ରଦ୍ଧାଳୁମାନ୍‌କର୍ ଲାଗି ମନ୍ଦିର୍ ପ୍ରଶାସନ୍

ତର୍ଫୁ ଡ୍ରେସ୍‌କୋଡ୍ ଲାଗୁ କରାଯାଇଛେ । ଭକ୍ତମାନ୍‌କର୍ ମନ୍ ଭିତ୍‌ରେ ଧାର୍ମିକ ପରମ୍ପରା ଆର୍ ଆଧ୍ୟାତ୍ମିକ୍ ଭାବ୍‌ନା ଆନ୍‌ବାର୍ ଲାଗି ଇ ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ୍ ଦାସ ସୂଚ୍‌ନା ଦେଇଛନ୍ । ଆଏବା ଜାନୁଆରୀ ୧ ତାରିଖ୍‌ନୁ ଇ ନିୟମ୍ କଡ଼ାକଡ଼ି ଭାବେ ଲାଗୁ କରାଯିବା । ହେଲେ ଇ ବାବ୍‌ଦେ ଭକ୍ତମାନ୍‌କୁ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଆଏଜ୍‌ଠାନୁ ସଚେତନ୍ କରାଯିବା ।

ଆମ ଓଡ଼ିଶା-ନବୀନ୍ ଓଡ଼ିଶା ଆର୍‌ଏନ୍‌ୟୁ ସମ୍ବଲପୁର୍

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆମ ଓଡ଼ିଶା-ନବୀନ୍ ଓଡ଼ିଶା ଯୋଜ୍‌ନାଥି ଆଏଜ୍ କେନ୍ଦୁଝର୍ ଜିଲ୍ଲା ନ ୩ ହଜାର୍ ୫ ଶହ ୬୮ ଟା ଆର୍ ଭଦ୍ରକ୍ ଜିଲ୍ଲା ନ ୩ ହଜାର୍ ୩ ଶହ ୩୭ ଟା ଭିନ୍ ଭିନ୍ ଉନ୍ନୟନ୍ ମୂଳକ ପ୍ରକଳ୍ପର ଶୁଭାରମ୍ଭ କର୍‌ବେ । ସବୁ ଗାଁକେ ସଶକ୍ତ କର୍‌ବାର୍ ଲାଗି ଆମ ଓଡ଼ିଶା ନବୀନ୍ ଓଡ଼ିଶା କାର୍ଯ୍ୟକ୍ରମ୍ କରାଯାଉଛେ ।

ଲକ୍ଷ୍ମୀ ଯୋଜ୍‌ନା ଆର୍‌ଏନ୍‌ୟୁ ସମ୍ବଲପୁର୍

ଲୋକ୍‌ମାନ୍‌କେ ଉନ୍ନତ୍‌ମାନର୍ ଯୋଗାଯୋଗ ସୁବିଧା ଯୁଗେଇ ଦେବାର୍ ଉଦ୍ଦେଶ୍ୟ୍‌ଥି ରାଜ୍ୟ ସର୍‌କାର୍ ଲକ୍ଷ୍ମୀ ଯୋଜ୍‌ନା ମୁଲ୍ କରିଛନ୍ । ଯୋଜ୍‌ନା ଜରିଏ ଯେନ୍ତା ରାଏଜର୍ ସବୁ ବର୍ଗର୍ ଲୁକେ ଉପକୃତ ହେବେ ସେ ବାବ୍‌ଦେ ଲକ୍ଷ୍ମୀ ଯୋଜ୍‌ନାର୍ ବସ୍ କର୍ମଚାରୀମାନ୍‌କୁ ନିସ୍ୱାର୍ଥପର ସେବା ଯୁଗାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆହ୍ୱାନ୍ ଦିଆଯାଇଛେ । ଆଏବା ୧୨ ତାରିଖ୍‌ନୁ ଦକ୍ଷିଣ୍ ଓଡ଼ିଶାର୍ ୬ ଟା ଜିଲ୍ଲା ନ ଲକ୍ଷ୍ମୀ ବସ୍ ସେବା ଚାଲୁ କରାଯିବା ।

ସର୍‌କାରୀ କାର୍ଯ୍ୟାଳୟ- ଓଡ଼ିଆ ଭାଷା ଆର୍‌ଏନ୍‌ୟୁ ସମ୍ବଲପୁର୍

ଓଡ଼ିଶା ଭାଷା ପ୍ରତିଷ୍ଠାନ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍ ନ ସର୍‌କାରୀ କାମ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ଲାଗି ତାଲିମ୍ ଦିଆଯାଉଛେ । ଇ କାର୍ଯ୍ୟକ୍ରମ୍ ଗଲାକାଏଲ୍‌ନୁ ମୁଲ୍ ହେଇଛେ ଆର୍ ଆଏବା ୧୩ ତାରିଖ୍‌ତକ୍ ଚାଲ୍‌ବା । ସର୍‌କାରୀ କାର୍ଯ୍ୟାଳୟମାନ୍‌କେ ଓଡ଼ିଆ ଭାଷାର୍ ବେଭାର୍ ଲାଗି ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ଇ କାର୍ଯ୍ୟକ୍ରମ୍ ଜରିଏ ତାଲିମ୍ ଦିଆଯାଉଛେ ।

বিশ্ব মানসিক স্বাস্থ্য দিবস		আর্এন্যু সম্বলপুর্

ଆଏଜ୍ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍ । ମାନସିକ ରୋଗର୍ କାରଣ, ଲକ୍ଷଣ ଆର୍ ତାର୍ ପ୍ରତିକାର୍ ବାବ୍‌ବେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ୍‌ର ବାର୍ତା ହେଉଛେ ‘ମାନସିକ ସ୍ୱାସ୍ଥ୍ୟ ହେଉଛେ ଗୁଟେ ବୈଶ୍ୱିକ ମାନବିକ ଅଧିକାର୍’ ।

୪୮୮ ବର୍ଗ ଅଧ୍ୟାପକ-କ୍ୟାଡ଼ର୍‌ଭୁକ୍ତ		ଆର୍‌ଏନ୍‌ୟୁ ସମ୍ବଲପୁର୍

ବେସର୍‌କାରୀ ଅନୁଦାନ୍ ପ୍ରାପ୍ତ କଲେଜ୍‌ର ଅଧ୍ୟାପକ ମାନ୍‌କୁ କେଡ଼ର୍‌ଭୁକ୍ତ କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଛେ । ରାଜ୍ୟର୍ ସବୁ ୪ ଶହ ୮୮ ବର୍ଗ ବେସର୍‌କାରୀ ଅନୁଦାନ୍ ପ୍ରାପ୍ତ କଲେଜ୍‌ର ଅଧ୍ୟକ୍ଷମାନ୍‌କୁ ଅଧ୍ୟାପକ ମାନ୍‌କର୍ ଗ୍ରେଡ଼େସନ୍ ଲିଷ୍ଟ୍ ତିଆର୍ କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜଳାଶୟ ପ୍ରକଳ୍ପ		ଆର୍‌ଏନ୍‌ୟୁ ସମ୍ବଲପୁର୍

ନଦୀର୍ ପାଏନ୍‌କେ ସଂରକ୍ଷଣ୍ କରିକରି ଖରାଦିନେ ନଏଦ୍ ଖଁଡ଼ି ଇଲାକା ମାନ୍‌କେ ପିଇବାର୍ ପାଏନ୍ ଯୁଗାବାର୍, ମାଛ୍ ଚାଷ୍, ଜଲ୍‌ସେଚନ୍ ଆର୍ ଭୂତଳ ଜଲ୍‌ସ୍ତର୍‌ର ବଢ଼୍‌ତି ଦିଗେ ରାଜ୍ୟ ସର୍କାର୍ ୨ ଟା ଖେପେ ୪୬ ଟା ଜଲାଶୟ ପ୍ରକଳ୍ପକେ ଅନୁମୋଦନ୍ କରିଛନ୍ । ଆଏବା ଫେବୃଆରୀ ମାସ୍‌ତକ୍ ରାଏଜେ ୧୧ ଟା ଅନ୍ତଃନଦୀ ଜଲାଶୟ ପ୍ରକଳ୍ପର୍ ନିର୍ମାଣ ଆର୍ ଡିସେମ୍ବର୍‌ତକ୍ ୧୮ ଟା ପ୍ରକଳ୍ପ ନର୍ମାଣ୍ କାମ୍ ସାର୍‌ବାର୍ ଲାଗି ଜଲ୍‌ସମ୍ପଦ୍ ବିଭାଗ୍ ଲକ୍ଷ୍ୟ ଧାରିଜ୍ କରିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ମହାନଦୀ ଉପ୍‌ରେ ଗୁଡ଼୍‌ଭେଲା, ଅଙ୍ଗ ଆର୍ ମହାନଦୀ ଉପ୍‌ରେ ମହୁଲ୍‌ପାଲି ପ୍ରକଳ୍ପ ଆଉ ଭେଡ଼େନ୍ ମହାନଦୀ ଉପ୍‌ରେ ବୁଢ଼ାରଜା ଅନ୍ତଃନଦୀ ଜଲାଶୟ ପ୍ରକଳ୍ପର୍ ନିର୍ମାଣ୍ କାମ୍ ଆଏବା ଫେବୃଆରୀ ୨୦୨୪ ତକ୍ ସର୍‌ବା ।

ବିଶ୍ୱକପ୍ କ୍ରିକେଟ          ଆର୍‌ଏନ୍‌ୟୁ ସମ୍ବଲପୁର୍

ବିଶ୍ୱକପ୍ କ୍ରିକେଟ୍‌ର ଗଲାକାଏଲ୍ ହାଇଦ୍ରାବାଦ୍ ନ ନ୍ୟୁଜିଲାଣ୍ଡ୍ ଆର୍ ନେଦର୍‌ଲେଣ୍ଡ୍ ଭିତ୍‌ରେ ଖେଲାଯାଇଥିବା ମେଚ୍ ନ୍ୟୁଜିଲାଣ୍ଡ୍ ୯୯ ରନ୍‌ଥି ଜିତିଛେ । ଧାରିଜ୍ ୫୦ ଓଭର୍‌ଥି ନ୍ୟୁଜିଲାଣ୍ଡ୍ ଦଲ୍ ୭ ଓ୍ୱିକେଟ୍ ହରେଇକରି ୩ ଶହ ୨୨ ରନ୍ କରିଥିବାର୍ ବେଲେ

ନେଦରଲାଣ୍ଡ ଦଲ୍ ୪୬ ଓଭର୍ ୩ ବଲ୍‌ଥି ୨ ଶହ ୨୩ ରନ୍ କରିକରି ଅଲ୍‌ଆଉଟ୍ ହେଇଯାଇଥିଲେ ।

ମୁକ୍ତା ଯୋଜ୍‌ନା-ବେଲ୍‌ପାହାଡ୍      ଆର୍‌ଏନ୍‌ୟୁ ସମ୍ବଲପୁର୍

ଝାର୍‌ସୁଗୁଡ଼ା ଜିଲ୍ଲା ବେଲ୍‌ପାହାଡ୍ ପୌର ପରିଷଦ୍ ମୁକ୍ତା ଯୋଜ୍‌ନା ଅଧୀନ୍‌ଥି ହେବାର୍‌କେ ଥିବା ଭିନ୍ ଭିନ୍ ପ୍ରକଳ୍ପ ଲାଗି କାର୍ଯ୍ୟାଦେଶ୍ ବିତରଣ୍ ସମାରୋହ ପୌର ପରିଷଦ୍‌ର ତର୍‌ଫୁ ହେଇଯାଇଛେ । ଯୋଗ୍ୟ ବିବେଚିତ ମିଶନ୍ ଶକ୍ତି ଗୋଷ୍ଠୀ ଆର୍ ବସ୍ତି ବାସିନ୍ଦା ସଂଘକେ ଶହେ ୮ ଟା କାର୍ଯ୍ୟାଦେଶ୍ ବଂଟନ୍ କରାଯାଇଛେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଲା-ସୁବର୍ଣ୍ଣପୁର୍/ଆର୍‌ଏନ୍‌ୟୁ ସମ୍ବଲପୁର୍

ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିଭାଗ୍ ତର୍‌ଫୁ ସୁବର୍ଣ୍ଣପୁର୍ ଜିଲ୍ଲା ନ ହେବାର୍‌କେ ଥିବାର୍ ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଲା - ୨୦୨୩ ର ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ମେଲା ଆଏବା ନଭେମ୍ବର୍ ମାସ ୩ ନମ୍ବର୍ ହପ୍ତାଥି ୨ ଦିନ୍ ଧରିକରି କରାଯିବା ।